# ବୌଦ୍ଧ ପାକ୍ସର ରବି ଧାନ କ୍ରୟ କେନ୍ଦ୍ର ଶୁଭାରମ୍ଭ



**ବୌଦ୍ଧ, ୭।୬(ସମିସ):** ଶୁକ୍ରବାର ଦିନ ବୁଟୁପାଲିସ୍ଥିତ ମାଉଲସିଙ୍ଗା ହାଇସ୍କୁଲ ନିକଟ ପଡ଼ିଆରେ ରାଜ୍ୟ ଯୋଗାଣ ନିଗମ ଓ ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତି ଆନୁକୂଲ୍ୟରେ ରବି ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ପାରମ୍ପରିକ ଭାବରେ ପୂଜାର୍ଚ୍ଚନା କରାଯିବା ପରେ ସମିତିର ସଭାପତି ସତ୍ୟଜିତ୍ କୁମାର ପଣ୍ଡା ରବି ଧାନ କ୍ରୟ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଧାନ ବିକ୍ରୟ କରିବା କରିବାକୁ ଟୋକନ ପାଇଥିବା ଚାଷୀମାନେ ଆଣିଥିବା ରବି ଧାନକୁ ସମିତି ଜରିଆରେ ସେରାବାଲି ରାଇସ ମିଲ୍ ଓ ଗୋପୀନାଥ ରାଇସ ମିଲ୍ କ୍ରୟ କରିଥିଲେ। ଶୁଭାରମ୍ଭ ସମୟରେ ସମିତିର ସମ୍ପାଦକ ସତ୍ୟଜିତ କର, ପରିଚାଳନା କମିଟିର ସଦସ୍ୟ ଚିତ୍ତ ରଞ୍ଜନ ନାୟକ, ଭଗବାନ ମେହେର, ସୁରେନ୍ଦ୍ର କୁମାର ମେହେର, କର୍ମଚାରୀ ସୁଦର୍ଶନ ନାଏକ, ସୁରେଶ ପଡ଼ିଆରୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

## ମନ୍ଦିରରେ ବିଜେ ହେଲେ ୧୦୮ ଭରି ସୁନା ନାଗ

# ଶୀତଳଷଷ୍ଠୀ ପାଇଁ ଉତ୍ସବମୁଖର ସୁବର୍ଣ୍ଣପୁର

ସୋନପୁର, ୭।୬(ସମିସ)

ସୁବର୍ଣ୍ଣପୁରର ଇଷ୍ଟଦେବ ବାବା ସୁବର୍ଣ୍ଣମେରୁଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ସାରା ସହର ଉତ୍ସବ ମୁଖର ହୋଇ ଉଠିଲାଣି। ଯାତ୍ରା ପାଇଁ ଜିଲ୍ଲା କୋଷାଗାରରୁ ଶୁକ୍ରବାର ବାହାରିଛନ୍ତି ୧୦୮ ଭରି ସୁନାର ନାଗ ପ୍ରତିମା। ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପାରମ୍ପରିକ ସେବାୟତ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ସୁନା ନାଗଙ୍କ ମନ୍ଦିର ବିଜେ କରାଯାଇଛି। ସୁନାନାଗ ସହ ଦୁଇଟି ସୁନା ମୁକୁଟ, ସୁନା ଚେନ୍, ନଅ ଗୁଟି ଯୁକ୍ତ ସୁନାର କଣ୍ଠି ମାଳ, ଦୁଇଟି ରୂପା ଛତ୍ର(ବଡ ଓ ସାନ), ମାତା ପାର୍ବତୀଙ୍କ ରୂପା ପ୍ରଭା ଏବଂ ରୂପାର ଝୁଲଣ ଖଟୁଲି ମଧ୍ୟ କୋଷାଗାରରୁ ବାହାର କରାଯାଇଛି। ସେବାୟତମାନଙ୍କ ଦ୍ୱାରା ପ୍ରଥମେ କୋଷାଗାର ସମ୍ମୁଖରେ ପୂଜା ରୀତି ଅନୁଷ୍ଠିତ ସମୟରେ ଘଣ୍ଟ ଘଣ୍ଟା ଓ ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହେଉଥିଲା



ଜିଲ୍ଲା କୋଷାଗାର ପରିସର। ଫଳ, ଫୁଲ ଓ ମିଷ୍ଟାନ୍ନ ଅର୍ପଣ ପରେ ନାଗ ପ୍ରତିମାଙ୍କୁ ଭକ୍ତମାନେ ପାଛୋଟି ନେଇଥିଲେ। ଥନାପତିପଡ଼ାସ୍ଥିତ ଚନ୍ଦ୍ରଶେଖର ମନ୍ଦିରରେ କଡା ସୁରକ୍ଷା ଭିତରେ ସୁନାର ନାଗ ପ୍ରତିମାଙ୍କୁ ରଖା ଯାଇଛି। ଆସନ୍ତା ସୋମବାର ୧୦ ତାରିଖ ପବିତ୍ର ଶୀତଳଷଷ୍ଠୀ ଦିନ ଚନ୍ଦ୍ରଶେଖର ବାବା ବରବେଶରେ ସଜ୍ଜିତ ହୋଇ ଏହି ସୁନା ନାଗ ସହ ବାହାରିବେ। ସୁବର୍ଣ୍ଣମେରୁ ବାବାଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ବିବାହ

### ବରଯାତ୍ରୀରେ ସାମିଲ ହେବେ ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ

ମାତା ପାର୍ବତୀଙ୍କ ସହ ଅନୁଷ୍ଠିତ ହେବ। ସୋନପୁର ଶୀତଳଷଷ୍ଠୀର ସ୍ୱତନ୍ତ୍ରତା ହେଲା ଭୋଳାବାବାଙ୍କ ବରଯାତ୍ରୀରେ ସାମିଲ ହୋଇଥାନ୍ତି ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ।

ଏହି ବିବାହଉତ୍ସବରେ ସାମିଲ ହେବା ପାଇଁ ଚନ୍ଦ୍ରଶେଖର ମନ୍ଦିରରୁ ଭୈରବ ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ କରିବାକୁ ଯାଇଥାନ୍ତି। ସମସ୍ତ ଠାକୁରଙ୍କ ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା ହୁଏ। ସୁନା ନାଗ ସହ ସୋନପୁରର ରହିଛି ସ୍ୱତନ୍ତ୍ର ସମ୍ପର୍କ। ଏହା ପଛରେ କିଛି ଅଲୌକିକ ଘଟଣା ଅଛି ବୋଲି ସୋନପୁରରେ ଶୁଣିବାକୁ ମିଳେ। ପୂର୍ବରୁ କୌଣସି ଜଣେ ଅଧିକାରୀ ସୁରକ୍ଷା ଆଳ ଦେଖାଇ ସୁନା ନାଗ ଟ୍ରେଜେରୀରୁ ବାହାର କରିବା ପାଇଁ ମନା କରି ଦେଇଥିଲେ। ଉକ୍ତ ଅଧିକାରୀ ଅଫିସ୍‌ରୁ ମଧ୍ୟାହ୍ନ ଭୋଜନ ପାଇଁ ନିଜ ବାସଭବନକୁ ଗଲାବେଳେ ଶଯ୍ୟା ଉପରେ ନାଗ ସାପ ଖେଳୁଥିବାର ଦେଖିଥିଲେ। ସେ ତୁରନ୍ତ ସୁନା ନାଗ ଟ୍ରେଜେରୀରୁ ବାହାର କରି ଶୀତଳଷଷ୍ଠୀ ଯାତ୍ରାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶୀତଳଷଷ୍ଠୀ ଶୋଭାଯାତ୍ରା ଅବସରରେ ସୁନା ନାଗ ପ୍ରତିମାଙ୍କ ଦର୍ଶନ ପାଇଁ ସୋନପୁରରେ ଭକ୍ତମାନଙ୍କ ପ୍ରବଳ ଗହଳି ହୋଇଥାଏ।

# ମଦ କାରବାରରେ ଜଣେ ଗିରଫ

ଶଗଡ଼ା, ୭।୬(ସମିସ): କଣ୍ଠାମାଳ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ମଦ ଜବତ କରାଯାଇଛି। ଚଢ଼ଉ ସମୟରେ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସୂଚନା ଅନୁସାରେ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକିଙ୍କ ନେତୃତ୍ୱରେ ଏକ ଟିମ୍ କଣ୍ଠାମାଳ ଥାନା ଅଧୀନ



ଘୂଚାଙ୍ଗୀ ଗ୍ରାମ ରାସ୍ତା ନିକଟରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ବିପୁଳ ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଜଣକୁ ଗିରଫ କରାଯାଇଛି। ଜବତ ଦେଶୀ ମଦର ପରିମାଣ ୨୦ ଲିଟର। ଏହା ସହ ଗିରଫ ଅଭିଯୁକ୍ତ ଜଣକ ହେଲେ ରଶିକାନ୍ତ ରଣା (୨୩) ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ କଣ୍ଠାମାଳ ଅବକାରୀ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ସୂଚନା ଦେଇଛନ୍ତି।

## ଅମରପାଲିରେ ଅମୃତଧାରା ଅଚଳ

# ଦୂଷିତ ପାଣି ପିଇ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ

**ସୁବଲୟା, ୭।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଅମରପାଲିରେ ତିଆରି ହୋଇଥିଲା ୪ଟି ଅମୃତଧାରା ପାନୀୟ ଜଳ ପ୍ରକଳ୍ପ। କିନ୍ତୁ ଦୁର୍ଭାଗ୍ୟ ଜନକ ଏଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେବି ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ ହିତରେ ଲାଗି ପାରୁ ନାହିଁ। ୨୦୧୯ ମସିହାରେ ବୀରମହାରାଜପୁର ପଞ୍ଚାୟତ ସମିତି ପକ୍ଷରୁ ୩ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚ କରି ସରକାର ଅମୃତଧାରା ପ୍ରକଳ୍ପଗୁଡ଼ିକ ତିଆରି କରି ଗ୍ରାମବାସୀଙ୍କ ପାଇଁ। ନିମ୍ନ ମାନର ଯନ୍ତ୍ରାଂଶ ଲଗାଇ ଠିକାଦାର ବିଲ ଉଠାଇ ନେଇଛି ବୋଲି ଅଭିଯୋଗ ହେଉଛି।

ଫ୍ରିଜର ଓ ଫିଲଟରଗୁଡ଼ିକ ବର୍ଷେ ନ ପୂରୁଣୁ ସବୁ ଅଚଳ ହୋଇ ପଡ଼ିଛି। ଅମରପାଲି ଉଚ୍ଚବିଦ୍ୟାଳୟ ପରିସର ଭିତରେ ଗୋଟିଏ ଓ ବାହାରେ ଗୋଟିଏ ନିର୍ମାଣ ହୋଇଛି। ଦୁଇଗୋଟି ଅମୃତତଧାରାରେ ନୂତନ ଗଭୀର ନଳକୂପ(ବୋରିଙ୍ଗ )ନ କରି



ପାଖରେ ଥିବା ପୁରୁଣା ନଳକୂପରେ ଗୋଟିଏ ମଟର ଲଗାଇ ଉଭୟ ଅମୃତଧାରାକୁ ପାଣି ସପ୍ଲାଇ କରି ଠିକାଦାର ଲାଞ୍ଚ ଦେଇ ସବୁ ବିଲ କରି ଖାଇଯାଇଥିବା ଅଭିଯୋଗ ହେଉଛି। ନିର୍ମାଣ ହେବାର ଛଅ ମାସ ଚାଲିଲା ପରେ ପୁଣି ତାହା ଅଚଳ ହୋଇ ପଡ଼ିଛି। ସେହିପରି ଅମରପାଲି ଗାଁ ମୁଣ୍ଡରେ ଥିବା ଅମୃତଧାରାଟି ଚାଲିବାର ୬ ମାସ ପରେ ମଧ୍ୟ ତାହାର ଫ୍ରିଜର ଓ ଫିଲଟର ଅଚଳ ହୋଇ ପଡ଼ିଛି। ଗାଁ ଭିତରେ ଥିବା ଅମୃତଧାରାଟି ମଧ୍ୟ ଅଚଳ ହୋଇ ପଡ଼ିଛି। ଏହି ଗାଁରେ ବିଶୁଦ୍ଧ ପାଣି ମିଳୁ ନ ଥିବାରୁ ଲୋକେ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏବେ ମଧ୍ୟ ଗାଁର ବହୁତ ଲୋକ କିଡନୀରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଗାଁରେ ଲୋକମାନେ ଏହି ପ୍ରକଳ୍ପ ହେଲା ପରେ ଫିଲଟର ହୋଇ ବାହାରୁ ଥିବା ଥଣ୍ଡା ପାଣି ପାଇବାର ଆଶା କରିଥିଲେ। ମାତ୍ର ପ୍ରକଳ୍ପ ସବୁ ଦୀର୍ଘଦିନ ହେଲା ଅଚଳ ହୋଇଥିବାରୁ ଲୋକେ ଥଣ୍ଡା ଓ ବିଶୁଦ୍ଧ ପାଣି ପାଇ ପାରୁ ନାହାନ୍ତି। ଫଳରେ ବାଧ୍ୟ ହୋଇ ନଳକୂପରୁ ବାହାରୁ ଥିବା ଫ୍ଲୋରାଇଡ ମିଶା ପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏହି କାରଣରୁ ଗ୍ରାମରେ କିଡ଼ନୀ ରୋଗ ବଢ଼ିବାରେ ଲାଗିଛି। ଗ୍ରାମର ସମସ୍ତ ଅମୃତ ଧାରା ପ୍ରକଳ୍ପ ଅଚଳ ହୋଇଥିବା ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ ପଟେଲଙ୍କୁ ଯୋଗାଯୋଗ କରିବାରୁ ଏ ସମସ୍ତ ଅମୃତ ଧାରା ପ୍ରକଳ୍ପ ତୁରନ୍ତ ମରାମତି କରାଯିବ ବୋଲି କହିଛନ୍ତି।

# ୩୨ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**କଣ୍ଠାମାଳ, ୭।୬(ସମିସ):** କଣ୍ଠାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଚଢ଼ଉ କରାଯାଇ ୩୨କେଜି ଗଞ୍ଜେଇ ଜବତ କରାଯାଇଛି। ଏହା ସହିତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଦଳ ଆଶ୍ରେଗାଁ ଗ୍ରାମରେ ଚଢ଼ଉ କରିଥିଲେ। ଗଞ୍ଜେଇ ଚୋରା ଚାଲଣ ଉଦ୍ଦେଶ୍ୟରେ ରଖିଥିବା ଗ୍ରାମର ସତ୍ୟ ଦୀପ(୨୯) ଘରୁ ଗଞ୍ଜେଇ ପାଇଥିଲେ। ଗଞ୍ଜେଇ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ସତ୍ୟକୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ପରିମାଣ ୩୨କେଜି ବୋଲି ପୋଲିସ ସୂତ୍ରରୁ ଜଣା ପଡ଼ିଛି। ଏନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ସତ୍ୟକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ନିରଞ୍ଜନ ପୂଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ତରଭା, ୭।୬(ସମିସ):** ୨୦୨୪ ନିର୍ବାଚନରେ ସୋନପୁର ବିଧାନସଭା ଆସନରୁ ବିଜୟ ଲାଭ କରିଥିବା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ପୂଜାରୀ ତରଭା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ସୋନପୁର ଜିଲ୍ଲା ସଭାପତି ସରୋଜ କମ୍ପାଙ୍କ ସହ ୫୭ ନମ୍ବର ଜାତୀୟ ରାଜପଥ କଡରେ ଥିବା ତରଭା ବ୍ଲକ ଅନ୍ତର୍ଗତ ଶିବୁତୁଲାରେ ପହଞ୍ଚିବାପରେ ପଞ୍ଚାୟତବାସୀଙ୍କ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ବିଜେଡିର ବରିଷ୍ଠ ନେତା ଦୁର୍ଗାପ୍ରସାଦ ଷଡଙ୍ଗୀଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପ୍ରସାଦ ମିଶ୍ର, ପୂର୍ବତନ ସରପଞ୍ଚ ଡୋଲାମଣି ପଧାନ, ଉପେନ୍ଦ୍ର ନିଆଲି, ସରପଞ୍ଚ ମୁକ୍ତା ନାଗ, ଓକିଲ ଉମେଶ ନାଏକ, ସୁଶାନ୍ତ ମିଶ୍ରଙ୍କ ସମେତ ଶତାଧିକ ଗ୍ରାମବାସୀ ଶ୍ରୀ ପୂଜାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା।

ଶ୍ରୀ ପୂଜାରୀଙ୍କୁ ଭାଗବତ ମନ୍ଦିରକୁ ନିଆଯାଇ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଭାଗବତ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ପୂଜାରୀ ନିର୍ବାଚନରେ ଶିବତୁଲା ପଞ୍ଚାୟତର ଭୋଟର ତାଙ୍କୁ ସର୍ବାଧିକ ଭୋଟ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ହେମନ୍ତ ସାହୁ, ତରଭା ଏନଏସି ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ସୁବାଷ ସେଠୀ। ପୁଆ ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗ, ସମିତିସଭ୍ୟ ହେମନ୍ତ ମାଝୀ, ପାଇକବାହଲ ସରପଞ୍ଚ ବୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡୋଳାମଣି ପଧାନ ସଭା ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

# ଗ୍ରାମଉଥାନ ଦ୍ୱାରା ଗ୍ରୀଷ୍ମକାଳୀନ ଶିବିର

**ସୋନପୁର, ୭।୬(ସମିସ):** ସୋନପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମଉଥାନ ସଂସ୍ଥା ପକ୍ଷରୁ ଚାରି ଦିନ ଧରି ଅନୁଷ୍ଠିତ ଗ୍ରୀଷ୍ମକାଳୀନ ଶିବିର ସମାପନ ହୋଇଯାଇଛି। ଗତ ଚାରି ଦିନ ଧରି ଏହି ଶିବିର ସୋନପୁର ଜିଲ୍ଲାର ବିଭିନ୍ନ ଗ୍ରାମ ଯଥା ବାବୁପାଲି, ପ୍ରତାପପୁର ଓ ସାଲେପାଲିରେ ଅନୁଷ୍ଠିତ ହୋଇଥିଲା। ଏହି ଗ୍ରୀଷ୍ମକାଳୀନ ଶିବିରରେ ଗ୍ରାମର ବହୁ ଶିଶୁ, ସ୍ୱେଚ୍ଛାସେବୀ, ଯୁବକ ଯୁବତୀ, ଅଭିଭାବକ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବାବୁପାଲିର ମୋନାଲିସା ପରମାଣିକ, ପ୍ରତାପପୁରର ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ଓ ଶିକ୍ଷକ ଗୋପେଶ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ମେହେର, ଏବଂ ଗ୍ରାମଉଥାନର ସଦସ୍ୟ ପ୍ରତାପ କୁମାର ପ୍ରଧାନ, ସ୍ୱର୍ଣ୍ଣରୂପା ମିଶ୍ର, ରଶ୍ମିତା ପଧାନ, କ୍ଷିରେନ୍ଦ୍ର ରଣା, ଯୁଗଲ ପ୍ରଧାନ, ବିକାଶ ବାନଛୋର, ରବିନା ସେଠୀ ଓ ଈଶ୍ୱର ସୂର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶିବିର ଆୟୋଜନ କରିଥିଲେ।

ଏହି ଚାରି ଦିନିଆ ଶିବିରରେ ପିଲାମାନେ ଗାଣିତିକ, ଭାଷା, ପରିବେଶ ବିଜ୍ଞାନ ଓ ସୃଜନଶୀଳତା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଜଲ, ଡୋମିନୋ କାର୍ଡ, ନମୁନା ଚିହ୍ନଟ, ବ୍ରେନ ଫୋକସ, ସିଂହ ମୁହଁରେ ଲଡୁ, ଗଳ୍ପ କଥନ, କୋଲାଜ, ଗୋଡି ଲୁକାନି, ବାଡି ଡେଗାନି, ମାଟିରେ ପଶୁ ମାନଙ୍କର ମୂର୍ତ୍ତି ତିଆରି କରିବା, ଗୀତ, ନାଚ ଓ ଡ୍ରାମା ସମ୍ପର୍କରେ ଶିବିରରେ ଶିକ୍ଷା ଦିଆଯାଇଥିଲା।



## ପଙ୍କ ଓ ଦଳରେ ପରିପୂର୍ଣ୍ଣ ପୋଖରୀ

# ଦୁର୍ଗନ୍ଧ ପାଣିରେ ଗାଧୋଉଛନ୍ତି ଗ୍ରାମବାସୀ

ଜହ୍ନାପଙ୍କ, ୭।୬(ସମିସ)

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତର ମୁଖ୍ୟ ବ୍ୟବହାରିକ ଗୌତମପାଲି ପୋଖରୀ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି। ଗ୍ରାମବାସୀ ମହଲରେ ଏନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଦଳ ଓ ପଙ୍କରେ ଭରି ରହିଛି ବନ୍ଧ। ପଞ୍ଚାୟତ ପ୍ରଶାସନ ଏବାବଦରେ ଚୁପ ନେଇ ଜନଅସନ୍ତୋଷ ଦେଖାଦେଇଛି। ଏହି ପୋଖରୀରେ ସ୍ନାନ ଓ ଶୌଚ ଗାଁ ଲୋକଙ୍କର ଏକମାତ୍ର ମାଧ୍ୟମ। ପୋଖରୀ ଅପରିଷ୍କାର ଫଳରେ ସ୍ନାନ ଓ ଶୌଚ ପରେ ଚର୍ମ ରୋଗରେ ଗାଁ ଲୋକମାନେ ଆକ୍ରାନ୍ତ ହେଉଛନ୍ତି। ପଞ୍ଚାୟତର ଏକ ୱାର୍ଡ଼ ବିଶିଷ୍ଟ ଏହି



ଗ୍ରାମର ଘରେ ଘରେ ଚର୍ମ ରୋଗରେ ପିଡୀତ ରୋଗୀ। ପୋଖରୀର ଏହି ଅବ୍ୟବସ୍ଥାକୁ ନେଇ ବହୁ ଅସୁବିଧା ଭୋଗୁଛନ୍ତି ଗାଁ ଲୋକେ। କେବଳ ପାହାଚ ଘାଟକୁ ଛାଡ଼ି ପୋଖରୀ ଭିତରେ ଦଳ ଭର୍ତ୍ତି ହୋଇରହିଛି। ଗ୍ରାମବାସୀଙ୍କ ଦ୍ୱାରା ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିରବଦ୍ରଷ୍ଟାକୁ ନେଇ ଅସନ୍ତୋଷ ବଢୁଛି।

ପୋଖରୀରେ ଗ୍ରାମବାସୀଙ୍କ ବ୍ୟବହାର ପାଇଁ ୪ଟି ପାହାଚ ନିର୍ମାଣ ହୋଇଥିବା ବେଳେ ସ୍ନାନ ଓ ଶୌଚ ପାଇଁ ବହୁ ଅବ୍ୟବସ୍ଥା ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କହ୍ନେଇଙ୍କୁ କଣ୍ଠାମାଳରେ ସ୍ୱାଗତ



**ଶଗଡ଼ା, ୭।୬(ସମିସ):** କଣ୍ଠାମାଳ ବିଧାୟକ କହ୍ନେଇ ଚରଣ ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ଡାଙ୍ଗଙ୍କୁ କଣ୍ଠାମାଳ ଅଞ୍ଚଳରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିଧାନସଭା ନିର୍ବାଚନରେ ବିଜୟଲାଭ କରିବା ପରେ ଆଜି ଶ୍ରୀ ଡାଙ୍ଗ ପ୍ରଥମେ ମନମୁଣ୍ଡାରୁ ଏକ ରୋଡ଼ଶୋ ଆରମ୍ଭ କରି ଖଟଖଟିଆ, ପଳସା ଗୋରା, ରୁଣମହୁଲ, କଣ୍ଠାମାଳ, ଘଣ୍ଟା ପଡ଼ା, ଆମ୍ବାଗାଁ ଦେଇ ଖୁଣ୍ଟି ଗୋରା ପର୍ଯ୍ୟନ୍ତ ଯାଇଥିଲେ। ପ୍ରତ୍ୟେକ ଛକରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ନେତାଙ୍କ ସହ କର୍ମୀମାନେ ସ୍ୱାଗତ କରିଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ କର୍ମୀମାନେ ଉପସ୍ଥିତ ଥିଲେ। ଭାଷଣ ଦେବା ସମୟରେ କଣ୍ଠାମାଳ ଅଞ୍ଚଳର ବିକାଶ ପାଇଁ ସମସ୍ତ ଜଣସାଧାରଣଙ୍କ ସହଯୋଗ କାମନା କରିଥିଲେ।

● ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷା ଫଳ ପ୍ରକାଶ

## ପ୍ରଗତି କଲେଜର ପଦାର୍ଥ ବିଜ୍ଞାନରେ ହିମାଂଶୁ ବିଶ୍ୱବିଦ୍ୟାଳୟ ଟପ୍ପର

**ଭବାନୀପାଟଣା, ୭।୬(ସମିସ):** ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଶେଷବର୍ଷ ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ପ୍ରଗତି ମହାବିଦ୍ୟାଳୟ ଐତିହାସିକ ସଫଳତା ହାସଲ କରିଛି। ଚଳିତ ବର୍ଷ ସ୍ନାତକ ପରୀକ୍ଷାରେ ପ୍ରଗତି କଲେଜର ହିମାଂଶୁ ଶେଖର ସାହୁ ପଦାର୍ଥ ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟ ଟପର ହୋଇଥିବା ବେଳେ ଇନ୍ଦିରା ପ୍ରିୟଦର୍ଶିନୀ ରାଉତ ରସାୟନ ବିଜ୍ଞାନ ବିଭାଗରେ, ପ୍ରତ୍ୟାଶା ବେହେରା ସ୍ନାତକ ଉଦ୍ଭିଦ ବିଜ୍ଞାନରେ, ସାଗରିକା ପ୍ରଧାନ ପ୍ରାଣୀ ବିଜ୍ଞାନରେ, ମୃତ୍ୟୁଞ୍ଜୟ କେଶରୀ ସିଂ ଗଣିତ ବିଭାଗରେ ସମୁଦାୟ ପାଞ୍ଚ ଜଣ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ଟପର ହୋଇଛନ୍ତି। ହିମାଂଶୁ ସମସ୍ତ ବିଭାଗରେ ବିଜ୍ଞାନ, କଳା ଓ ବାଣିଜ୍ୟର ଟପରମାନଙ୍କ ମଧ୍ୟରେ ସବୁଠାରୁ ସର୍ବୋଚ୍ଚ ୯.୭୩ ସିଜିପିଏ ରଖି କୃତକାର୍ଯ୍ୟ ହେବା ସହିତ ଶ୍ରେଷ୍ଠ ଛାତ୍ର ସଫଳତା ଅର୍ଜନ କରିଛନ୍ତି। ସେହିପରି ଛାତ୍ରଛାତ୍ରୀମାନଙ୍କର ପ୍ରଚେଷ୍ଟା ଏବଂ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଉଦ୍ୟମରେ ପ୍ରଗତି ଶିକ୍ଷାନୁଷ୍ଠାନ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି। ବର୍ତ୍ତମାନ ସମୟରେ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ରହି ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଚଳିତ ବର୍ଷର ଏହି ଫଳାଫଳକୁ ନେଇ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା ଓ ଅଧ୍ୟକ୍ଷ ତାପସ ପରିମାଣିକ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିଭଳି ଅନୁଷ୍ଠାନର ପରିଚାଳନା କମିଟି ଅଧ୍ୟକ୍ଷା ସୁଶ୍ରୀ ସଙ୍ଗୀତା ପଣ୍ଡା ଫଳାଫଳକୁ ନେଇ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ଶ୍ରେୟ ଦେଇଛନ୍ତି।



## ନିଟ୍‌ର ୧୮୨୪ ସ୍ଥାନରେ କଳାହାଣ୍ଡିର ଝିଅ ପ୍ରତୀକ୍ଷା

**ଭବାନୀପାଟଣା, ୭।୬ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଝିଅ ପ୍ରତୀକ୍ଷା ମିଶ୍ର ନିଟ୍ ପରୀକ୍ଷାରେ ୬୯୩ ନମ୍ବର ରଖି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଜାତୀୟସ୍ତରରେ ଅନୁଷ୍ଠିତ ଏହି ପରୀକ୍ଷାରେ ପ୍ରତୀକ୍ଷା ମିଶ୍ର ମୋଟ ୭୨୦ ମାର୍କରୁ ୬୯୩ ମାର୍କ ରଖି ୧୮୨୪ ସ୍ଥାନରେ ରହିଛନ୍ତି। ପ୍ରତୀକ୍ଷା ସ୍ଥାନୀୟ ଦେୱାନ ସାହେବ ପଡ଼ାର ରଶ୍ମି ରଞ୍ଜନ ମିଶ୍ର ଓ ମାତା ରଶ୍ମି ମିଶ୍ରଙ୍କ ଝିଅ। ରାୟଗଡ଼ା ଜିଲ୍ଲା ବିଷମକଟକ ଶିଶୁ ମନ୍ଦିରରୁ ପ୍ରାଥମିକ ଶିକ୍ଷା ଶେଷ କରିଥିବା ପ୍ରତୀକ୍ଷା ପରବର୍ତ୍ତୀ ସମୟରେ ବଲାଙ୍ଗୀର ଜିଲ୍ଲା ବେଲପଡ଼ାର ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିଥିଲେ ଓ ସମସ୍ତ ପରୀକ୍ଷାରେ ପ୍ରଥମ ଶ୍ରେଣୀ ଅଧିକାର କରିଥିଲେ। ତାଙ୍କ ମାଆ ରଶ୍ମି ମିଶ୍ର ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ବାପା ରଶ୍ମିରଞ୍ଜନ ନବୋଦୟ ବିଦ୍ୟାଳୟର ଅଫିସ ସୁପରିଟେଣ୍ଡେଣ୍ଟ ଭାବେ କାମ କରନ୍ତି। ପ୍ରତୀକ୍ଷାଙ୍କର ଏଭଳି ସଫଳତାର ଖବର ମିଳିଲା ମାତ୍ରେ ତାଙ୍କ ନବୋଦୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସାଙ୍ଗସାଥି, ଶୁଭେଚ୍ଛୁ ତଥା ପରିବାର ଲୋକଙ୍କ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ଲୋକଙ୍କସେବା କରିବା ମୋର ଲକ୍ଷ୍ୟ ବୋଲି ପ୍ରତୀକ୍ଷା ଏକ ସାକ୍ଷାତକାରରେ କହିଛନ୍ତି।



## ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରାରୋପଣ



**ଭବାନୀପାଟଣା, ୭।୬(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ପରିବେଶ ସୁରକ୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଦିଗରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଓକିଲ ନିବେଦିତା ମିଶ୍ର, ବନ ବିଭାଗର କର୍ମକର୍ତ୍ତା, ଲିଗାଲ ଏଡର ଯଶୋବନ୍ତ ନାଏକ, ଯୁଗଳ ଦୀପ, ସଞ୍ଜୟ ବେହେରାଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବି ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବର୍ତ୍ତମାନ ଖରାର ପ୍ରକୋପ ବଢ଼ିଥିବା ବେଳେ ଗରମରେ ଜନଜୀବନ ଅତିଷ୍ଠ ହୋଇପଡୁଛି। ପୃଥିବୀରେ ଗ୍ଲୋବାଲ ୱାର୍ମିଙ୍ଗ ଚାଲିଛି, ବରଫ ତରଳୁଛି, ଅମ୍ଳଜାନ କମି କମି ଯାଉଛି, ତେଣୁ ବୃକ୍ଷ ଲଗେଇବା ଅନିର୍ବାର୍ଯ୍ୟ। ବୃକ୍ଷ ବିନା ପୃଥିବୀରେ ଆମେ ବଂଚିବା ଅସମ୍ଭ।

ପାନୀୟଜଳ ଯୋଗାଣ ପ୍ରହସନ

# କାପୁପଡ଼ାରେ ଉତ୍କଟ ଜଳ ସଙ୍କଟ





**ସିନାପାଲି, ୭।୬ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଛତିଶଗଡ଼ ସୀମାନ୍ତରେ ଅବସ୍ଥିତ ସନ୍ଧିବାହାଲି କାପୁପଡ଼ାରେ ଉତ୍କଟ ଜଳାଭାବ ଦେଖାଯାଇଛି। ଲୋକେ ପାନୀୟଜଳ ପାଇଁ ତହଲ ବିକଳ ହେଉଥିବା ବେଳେ ଗୃହପାଳିତ ପଶୁପକ୍ଷୀ ମଧ୍ୟ ପାଣି ପାଇଁ ହାହାକାର ହେଉଥିବା ଦେଖିବାକୁ ମିଳିଛି। ଏଠାରେ ଥିବା ନଳକୂପରୁ ପାଣି ବାହାରୁ ନଥିବା ଯୋଗୁଁ ଅଚଳ ହୋଇପଡ଼ିଛି। ଲୋକେ ବାଧହୋଇ ଏକ ପରିତ୍ୟକ୍ତ କୂଅରୁ କଷ୍ଟେମଷ୍ଟେ ପାଣି ସଂଗ୍ରହ କରି ଶୋଷ ମେଣ୍ଟାଉ ଥିବା ପ୍ରକାଶ କରିଛନ୍ତି। ଏଠାରେ ମେଗା ପାନୀୟଜଳ ପ୍ରକଳ୍ପ ଆନୁକୂଲ୍ୟରେ ଏକ ବିରାଟ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇଛି। ହେଲେ ପାନୀୟଜଳ ଯୋଗାଣ ସାତ ସପନ ପାଲଟିଛି। ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ପ୍ରହସନ ପାଲଟିଥିବା ଅଭିଯୋଗ ହେଉଛି। ସୂଚନା ଯୋଗ୍ୟ ଯେ, ଗ୍ରାମର ଦକ୍ଷିଣରେ ଛତିଶଗଡ଼ ସୀମା ଥିବା ବେଳେ ପୂର୍ବରେ ନାଗେଶ ପାହାଡ଼ ଓ ପଶ୍ଚିମରେ ଚେରେପାଣି ଜଙ୍ଗଲ ଗ୍ରାମକୁ ଘେରି ରହିଛି। ବଣ ପାହାଡ ଘେରା ଜଙ୍ଗଲ ପରିବେଶ ମଧ୍ୟରେ ଆଜକୁ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଜନବସତି ଗଢିଉଠିଥିବା ବେଳେ ଏଠାରେ କେବଳ ଆଦିବାସୀ ସମ୍ପ୍ରଦାୟର ଲୋକମାନେ

● ପରିତ୍ୟକ୍ତ କୂଅରୁ ପାଣି ସଂଗ୍ରହ କରୁଛନ୍ତି ଲୋକେ

● ନଳକୂପ ଅଚଳ, ପୋଖରୀ ଶୁଖିଲା

ବାସକରୁଛନ୍ତି। ଏଠାକାର ଜନସଂଖ୍ୟା ପ୍ରାୟ ଅଢେଇ ଶହ ଥିବା ବେଳେ ଘର ସଂଖ୍ୟା ପ୍ରାୟ ୨୫ ରୁ୩୦ ରହିଛି। ଏଠାକାର ଲୋକେ ଜଙ୍ଗଲ ଜମିକୁ ଦଖଲ କରି ପୁରୁଷାନୁକ୍ରମେ ଚାଷବାସ କରିବା ସହ କୁଲିମଜୁରୀ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳନ୍ତି। ଏଠାରେ ମୁଖ୍ୟ ସମସ୍ୟା ହେଉଛି ପାନୀୟଜଳ। ଗାଁରେ ତିନିଗୋଟି ନଳକୂପ ଓ ଦୁଇଗୋଟି ପୋଖରୀ ଅଛି। ହେଲେ ଗ୍ରୀଷ୍ମ ଦିନରେ ନଳକୂପ ଅଚଳ ଓ ପୋଖରୀ ଶୁଖିଲା ପଡ଼ିଛି। ଆଜକୁ ପ୍ରାୟ ଦୁଇମାସ ହେଲା ଲୋକେ ଜଳଭାବ ଯୋଗୁଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରିକି ଗୃହପାଳିତ ପଶୁପକ୍ଷୀ ମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲେବି କୌଣସି ସୁଫଳ ମିଳିପାରୁ ନାହିଁ। ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବାରୁ କିଛିଦିନ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତାହା ମଧ କିଛିଦିନ ପରେ ବନ୍ଦ ହୋଇପଡ଼ିଛି। ଲୋକେ ସ୍ନାନ, ଶୌଚ ଆଦି କାର୍ଯ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ନାନା ଯୋଜନା କରି କୋଟି କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଲୋକେ ତାର ସୁଫଳ ପାଇପାରୁ ନାହାନ୍ତି। ସିନାପାଲି ବିଡ଼ିଓ ଅବିନାଶ ଲାକ୍ରାଙ୍କୁ ପଚାରିବାରୁ ଏହି ଗ୍ରାମର ସମସ୍ୟା ଆପଣଙ୍କ ନିକଟରୁ ଶୁଣିଲି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀଙ୍କଠାରୁ ସମସ୍ୟାକୁ ବୁଝି ତୁରନ୍ତ ସମାଧାନ କରାଯିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବାବାଜୀ ଚରଣ ବାଗଙ୍କୁ ପଚାରିବାରୁ ଟ୍ୟାଙ୍କରରେ ପାନୀୟଜଳ ଯୋଗାଣ ଚାଲିଥିଲା, ବନ୍ଦ ହେବା କଥା ନୁହେଁ, ତଦନ୍ତ କରି ଟ୍ୟାଙ୍କର ଯୋଗେ ପୁଣି ପାନୀୟଜଳ ଯୋଗାଣ କରାଯିବ ବୋଲି କହିବା ସହ ପଥୁରିଆ ଅଞ୍ଚଳ ହେତୁ ନଳକୂପରୁ ପାଣି ବାହାରୁ ନାହିଁ। ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରହିଛି ବୋଲି ପ୍ରକାଶ କରିଥିଲେ। ତେବେ ବିଶୁଦ୍ଧ ପାନୀୟ ଜଳ କେବେ ପାଇବେ ଗ୍ରାମ ବାସି ତାହା ଦେଖିବାକୁ ବାକି ରହିଲା। ଗ୍ରାମର ବଳିୟାର ମାଝୀ, ରୁଦ୍ର ମାଝୀ, ନାକ ମାଝୀ, ଭାନୁମାତି ମାଝୀ, ପଦ୍ମା ମାଝୀ, ମହନ ମାଝୀ, ଅର୍ଜୁନ ମାଝୀ, ରଞ୍ଜନ ମାଝୀ, ତିଳ ମାଝୀ, ଯୋଗନି ମାଝୀ, କମଳେ ମାଝୀ, ମନ୍ଦାର ମାଝୀ, ଜାନକୀ ମାଝୀ ପ୍ରମୁଖ ଗାଁରେ ଶୀଘ୍ର ପାନୀୟଜଳର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପାନୀୟଜଳ ସୁବିଧା କରିବାକୁ ସାଧାରଣରେ ଦାବି ହେଉଛି।

## ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ଲଡୁଗାଁ, ୭।୬(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କୋକସରା ପଞ୍ଚାୟତ ହେଉଛି ବ୍ଲକର ସଦର ପଞ୍ଚାୟତ ।୧୧ ଗୋଟି ୱାର୍ଡକୁ ନେଇ ପଞ୍ଚାୟତ ର ପରିସୀମା ରହିଥିବାବେଳେ କୋକସରା ସହରଦେଇ ଜାତୀୟ ରାଜପଥ ୨୬ ଯାଇଛି। କୋକସରା ଗ୍ରାମର କିଛି ଉଠା ଦୋକାନୀ, ବ୍ୟବସାୟୀ ଓ ସ୍ଥାନୀୟ ଲୋକମାନେ ରାସ୍ତା ର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ କୁ ଜବରଦଖଲ କରି ନିଜର ବ୍ୟବସାୟିକ ପ୍ରତିଷ୍ଠାନ କରିଛନ୍ତି। କିଛି ସ୍ୱାର୍ଥପର ବ୍ୟକ୍ତି ଡ୍ରେନ ଉପରେ ଜବରଦଖଲ କରି ଭଡା ରେ ଦୋକାନ ଦେଇ ଥିବା ମଧ ଅଭିଯୋଗ ହୋଇଛି। ଡ୍ରେନରେ ଦୋକାନ ବଜାରର ବର୍ଜ୍ୟବସ୍ତୁ ପଡ଼ି ପୋତିହେବା କାରଣରୁ ଅନେକ ସ୍ଥାନରେ ଡ୍ରେନ ଦେଇ ପାଣି ନିଷ୍କାସନ ହୋଇ ପାରୁନାହିଁ। ଅଳ୍ପ ବର୍ଷା ହେଲେ ଡ୍ରେନର ମଇଳା ଆବର୍ଜନା ପାଣି ରାସ୍ତାଉପରେ ବୋହୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଦୋକାନୀକୁ ଅନେକ ସମୟରେ ଡ୍ରେନ ଉପରେ ଜବରଦଖଲ ଖାଲି କରିବାକୁ କହିବା ପରେ ମଧ ଦୋକାନୀମାନେ ପଞ୍ଚାୟତର ନିର୍ଦ୍ଦେଶକୁ ଅବମାନନା କରୁଥିବାବେଳେ କୋକସରା ପଞ୍ଚାୟତ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଶୁକ୍ରବାର କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କୁ ଭେଟି ଲିଖିତ ଭାବେ ଜବରଦଖଲ ଉଚ୍ଛେଦ କରିବାକୁ ଅଭିଯୋଗ କରିଛନ୍ତି। ଏନେଇ ତହସିଲଦାରଙ୍କ ପ୍ରତିକ୍ରିୟା ନେବାରୁ ଜବର ଦଖଲ କାରୀଙ୍କୁ ନୋଟିସ କରାଯିବ ଓ ପରବର୍ତ୍ତୀ ସମୟରେ ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କହିଛନ୍ତି।



## ସାପ କାମୁଡ଼ାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

**କୋକସରା, ୭।୬(ସମିସ):** କୋକସରା ଥାନା ବେହେରା ଗ୍ରାମର କଲେଜ ଛାତ୍ରୀ ଝାନ୍ୱୀ ନାଏକ(୧୭) ସାପ କାମୁଡ଼ାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ସେ ଗୁରୁବାର ରାତିରେ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ନିକଟସ୍ଥ ମେଡିକାଲକୁ ନେଇ ଚିକିତ୍ସାପରେ ଧର୍ମଗଡ଼ ମେଡିକାଲ ଓ ପରେ ଗୁରୁତର ଅବସ୍ଥାରେ ଭବାନୀପାଟଣା ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ଅଧିକ ଜଟିଳ ହେବାରୁ ତାଙ୍କୁ ବୁର୍ଲା ନେବା ପାଇଁ ଡାକ୍ତର ସ୍ଥାନାନ୍ତର କରିଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତରଖାନାରେ ଛାତ୍ରୀଙ୍କ ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ କୋକସରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ' ମୃତ ଛାତ୍ରୀ ଚଳିତ ବର୍ଷ ବେହେରା କଲେଜରେ ଯୁକ୍ତ ଦୁଇ ପରୀକ୍ଷା ଦେଇ ଉତିର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଫାଇଲ୍ ଫଟୋ

## କାଣିଗୁମାଠାରେ ଗଛପଡ଼ି ରାସ୍ତା ଅବରୋଧ

**ଥୁଆମୂଳ ରାମପୁର, ୭।୬(ସମିସ):** ଭବାନୀପାଟଣା-ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା କାଣିଗୁମାଠାରେ ଏକ ଗଛପଡ଼ି ରାସ୍ତା ଅବରୋଧ କରିଥିଲା। ଶୁକ୍ରବାର ଅପରାହ୍ନ ୩ ଘଣ୍ଟା ସମୟରେ କାଳବୈଶାଖୀର ପ୍ରବଳ ଝଡତୁଫାନ ଯୋଗୁଁ କାଣିଗୁମା ଗ୍ରାମର ଶେଷ ମୁଣ୍ଡର ମୁଖ୍ୟ ରାସ୍ତା କଡ଼ର ଏକ ବିରାଟ ଗଛ ସମ୍ପୂର୍ଣ୍ଣ ଭାଙ୍ଗି ରାସ୍ତା ଅବରୋଧ କରିଥିଲା। ଭବାନୀପାଟଣା ଏବଂ ଥୁଆମୂଳ ରାମପୁର ପଟରୁ ଆସୁଥିବା ଯାନବାହନ ଚଳାଚଳ କିଛି ଘଣ୍ଟା ପାଇଁ ବନ୍ଦ ଥିଲା। କାଣିଗୁମା ଗ୍ରାମର ଚୈତନ୍ୟ ପ୍ରଧାନୀ ଏବଂ ଦିଲୀପ ସୁନାନୀ ଦମକଳ ବିଭାଗ ସହିତ ଯୋଗାଯୋଗ କରିଥିଲେ। ପରେ ଦମକଳ ବିଭାଗର ହାବିଲଦାର ବନମାଳୀ ପୂଜାରୀଙ୍କ ନେତୃତ୍ୱରେ ଥୁଆମୂଳ ରାମପୁର ଦମକଳବାହିନୀ ପକ୍ଷରୁ ଫାୟାରମ୍ୟାନ ଡ୍ରାଇଭର ଶିବ କିଶାନ, ଫାୟାରମ୍ୟାନ ମଦନମୋହନ ଶବର, ଫାୟାର୍ ମ୍ୟାନ ପ୍ରସିଦ ପ୍ରଧାନ, ଫାୟାରମ୍ୟାନ ଲକ୍ଷ୍ମଣ ଧରୁଆ ଏବଂ ଫାୟାରମ୍ୟାନ ଗୁପ୍ତେଶ୍ୱର କହଁର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ପଥ ପରିଷ୍କାର କରିଥିଲେ। ଫଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



## ସଡ଼କ ଦୁର୍ଘଟଣାରେ ଦୁଇ ଗୁରୁତର

**ନର୍ଲା, ୭।୬(ସମିସ):** ବେପରୁଆ ଗାଡି ଚାଳନା ଅନେକ ସମୟରେ ଦୁର୍ଘଟଣାର କାରଣ ହେଉଛି। କାଳକଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଅନେକ ଧନଜୀବନ ହାନି ଘଟୁଛି। ଗତ କିଛି ଦିନ ହେଲା ନର୍ଲା ଅଞ୍ଚଳରେ ଏକାଧିକ ଦୁର୍ଘଟଣା ଘଟି ଅନେକ ଆହତ ହେବା ସହ କିଛି ସେମାନଙ୍କ ମଧ୍ୟରୁ ମୃତ୍ୟୁ ବରଣ କରିଛନ୍ତି। ଏଭଳି ଏକ ଘଟଣା ଶୁକ୍ରବାର ନର୍ଲା ବ୍ଲକ ବୁଢିପଦର ଗ୍ରାମର ଶବରପଡ଼ା ନିକଟରେ ଘଟିଛି। ଟିଟିଲାଗଡ଼ ଆର୍ ଡବ୍ଲୁ ଏସ୍ ଏସ୍ ବିଆରସି ପ୍ରକାଶ ଡାକୁଆ ଓ ତାଙ୍କ ସହକର୍ମୀ ବିଆର୍‌ସ ପ୍ରଦ୍ୟୁମ୍ନ ଭୋଇ ନର୍ଲାରୁ ଟିଟିଲାଗଡ଼ ଯାଉଥିବାବେଳେ ବୁଢିପଦର ଗ୍ରାମର ଶବରପଡ଼ା ନିକଟରେ ଏକ ଅଣ୍ଡା ବୋଝେଇ ପିକଅପ୍ ଭ୍ୟାନ୍ ସାମ୍ନା ପଟରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବିଆରସି ପ୍ରଦ୍ୟୁମ୍ନ ଭୋଇଙ୍କ ଗୋଡର ଆଣ୍ଠୁ ଭାଙ୍ଗି ହାଡ଼ ବାହାରି ଯାଉଥିଲା। ପ୍ରକାଶ ଡାକୁଆଙ୍କ ମଧ୍ୟ ଗୋଡ଼ ଭାଙ୍ଗି ଯାଇଥିଲା। ଘଟଣାସ୍ଥଳରେ ରାକ୍ସି ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡା ମାଝୀ ଓ ସ୍ଥାନୀୟ ଯୁବକମାନେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



ଟ୍ରାନ୍ସଫର୍ମର ଅଚଳ

# ୮ ଦିନ ହେଲା ଅନ୍ଧାରରେ ଗ୍ରାମବାସୀ

**କାକସରା, ୭।୬(ସମିସ)**

କୋକସରା ବ୍ଲକ ପୋଡ଼ାଗୁଡା ଗ୍ରାମର ମେହେରପଡ଼ା ଓ ଧାରୁଆପଡ଼ା ପାଇଁ ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ୮ ଦିନ ହେବ ପୋଡି ଅଚଳ ହୋଇଯାଇଛି। ଫଳରେ ଉକ୍ତ ପଡ଼ାବାସୀ ଅନ୍ଧାରରେ ରହି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁସାରେ, ମେହେରପଡ଼ା ଓ ଧାରୁଆପଡ଼ା ପାଇଁ ସୌଭାଗ୍ୟ ଯୋଜନାରେ ଲାଗିଥିବା ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ସମୁଦାୟ ୬୦ଜଣ ଉପଭୋକ୍ତା ରହିଛନ୍ତି। ତେବେ ଗତ ୮ଦିନ ହେବ ଉକ୍ତ ଟ୍ରାନ୍ସଫର୍ମର ପୋଡ଼ି ଅଚଳ ହୋଇଯାଇଛି। ଏନେଇ ଉପଭୋକ୍ତାମାନେ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରିବାପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇବା ପରେ ବିଭାଗ ପକ୍ଷରୁ ବକେୟା ବିଲ୍ ପୈଠ କରିବା ପାଇଁ କହିଥିଲେ। ତେବେ ଉପଭୋକ୍ତା ମାନେ ୪୦ ହଜାର ଟଙ୍କା ଦେବାକୁ ରାଜି ହେଉଥିଲେ ହେଁ ବିଦ୍ୟୁତ୍ ବିଭାଗ ଅଧିକ ଟଙ୍କା ଦାବି କରୁଥିବା ସେମାନେ କହିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗରମ ଲାଗି ରହିଛି। ଏଭଳି ସମୟରେ ବିଦ୍ୟୁତ୍ ବିଭାଗ ପୋଡ଼ା ଟ୍ରାନ୍ସପୋର୍ଟକୁ ହଠାଇ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରୁ ନ ଥିବାରୁ ପଡ଼ାବାସୀ ଅନ୍ଧାରରେ ରହିବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମର ପଙ୍କଜ ଧରୁଆ, ପ୍ରେମଲାଲ ମେହେର, ମଲୟ ମେହେର, ମୋହନ ମେହେର, ଗଜାନନ ବଣିଆ, ସୁଲୋଚନା ନାଏକ, ରତନ ବାଗ, ଉଗ୍ରେ ନାଏକ, ଅମର ସୋରି, ହସ୍ତ ଧରୁଆ, ରାମ ସିଂ ଧାରୁଆ ସମେତ ଅନେକ ଉପଭୋକ୍ତା ପ୍ରକାଶ କରିଛନ୍ତି। ଏନେଇ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ୨ଲକ୍ଷ ପାଖାପାଖି ବକେୟା ବିଲ୍ ରହିଛି, ୬୦ ହଜାର ଟଙ୍କା ପାଖାପାଖି ବିଲ୍ ପୈଠ କଲେ ନୂତନ ଟ୍ରାନ୍ସଫର୍ମର ସଂଯୋଗ କରାଯିବ ବୋଲି କହିଛନ୍ତି।



● ମା' ବେଙ୍କଟି ଦେବୀ ନାଇଟ୍ ସର୍କଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କିଙ୍ଗଫିସରକୁ ହରାଇ ନବଜୀବନ ଚାମ୍ପିଅନ

**ଥୁଆମୂଳ ରାମପୁର, ୭।୬(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାର ବାଲିଗାଡ଼ ତଟ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ମା' ବେଙ୍କଟି ଦେବୀ ନାଇଟ୍ ସର୍କଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ନବ ଜୀବନ ଯୁବ ଅନୁଷ୍ଠାନ ଚାମ୍ପିଅନ ହୋଇଛି। ୬ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ୧୨ଟି ଟିମ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ତାଳବନ୍ଧ ପଡ଼ା ପକ୍ଷରୁ ଆୟୋଜିତ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ୮ ଓଭର ଖେଳ ହୋଇଥିଲା। କିଙ୍ଗଫିସର ଟିମ୍ ଏବଂ ନବ ଜୀବନ ଯୁବ ଅନୁଷ୍ଠାନ ମଧ୍ୟରେ ଖେଳା ଯାଇଥିବା ଫାଇନାଲ ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବିଜେଡି ନେତା ମାଣିକ୍ୟ ଚନ୍ଦ୍ର ନାଏକ ଯୋଗଦେଇ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ କିଙ୍ଗଫିସର୍ ଟିମ ନିର୍ଦ୍ଧାରିତ ୮ ଓଭରରେ ୫୭ ରନ ସଂଗ୍ରହ କରିଥିଲା। ଟୁର୍ଣ୍ଣାମେଣ୍ଟ ଚାମ୍ପିଅନ ହେବାପାଇଁ ୫୮ ରନର ପିଛା କରି ନବ ଜୀବନ ଯୁବ ଅନୁଷ୍ଠାନ ସହଜ ବିଜୟ ଲାଭକରି ଚାମ୍ପିଅନ ହୋଇଛି। ଶ୍ରେଷ୍ଠ ଖେଳାଳି ଭାବେ ମହେଶ ଧଙ୍ଗଡ଼ାମାଝୀ ଟୁର୍ଣ୍ଣାମେଣ୍ଟର ମଧ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିବାବେଳେ ଶ୍ରେଷ୍ଠ ଫିଲ୍ଡର ଭାବେ ଦେବ୍ ସାଗର ପୁରସ୍କୃତ ହୋଇଛନ୍ତି। ଫାଇନାଲ୍ ମ୍ୟାଚର ନବ ଜୀବନ ଯୁବ ଅନୁଷ୍ଠାନକୁ ଚାମ୍ପିୟାନ ଏବଂ କିଙ୍ଗଫିସର୍ ଟିମ୍ କୁ ରନର୍ସ ଅପ୍ ଟ୍ରଫି ସହ ଘୋଷିତ ରାଶି ପ୍ରଦାନ କରାଯାଇଥିଲା।



